
# ଝୁଲ୍‌କା

VOLUME : 2025/02 NUAKHAI EDITION



8895501044
posprkl@gmail.com
www.posprkl.org
paschimodishasanskrutikparishadrourkela

QUARTERLY SOUVENIR OF PASCHIM ODISHA SANSKRUTIK PARISHAD, ROURKELA



# ସଭାପତିଙ୍କ ବାର୍ତ୍ତା

**ସ୍ୱରୂପ ପାଣିଗ୍ରାହୀ**

**ସମସ୍ତଙ୍କୁ ମୋର୍ ନୂଆଁଖାଇ ଜୁହାର୍ ଆଉ ଗୁର୍‌ଦୁଟେ ଶୁଭେଚ୍ଛା...**

ଆମର୍ ପରିଷଦ୍‌ର ଇ-ମେଗାଜିନ୍ "ଝୁଲ୍‌କା"ର ପଞ୍ଚମ୍ ସଂସ୍କରଣ୍ **ନୂଆଁଖାଇ ଭେଟ୍‌ଘାଟ୍-୨୦୨୫** ଉଧେଁ ଉନ୍ମୋଚିତ ହେଉଛେ । ଇ-ମେଗାଜିନ୍ ଦଲ ସବୁ ସଂସ୍କରଣକେ ଆହୁରି ସୁନ୍ଦର ଆଉ ବଢ଼ିଆ କରି, ଠିକ୍ ସମିଆଥି ବାହାର କରୁଛନ୍ । ହେଥିର ଲାଗି ବହୁତ ଭଲ ଲାଗୁଛେ ।

ଆମେ ସଭେ ଜାନୁଛୁଁ ଯେ "ନୂଆଁ" ମାନେ ଅଗ୍‌ସି, ଆର୍ "ଖାଇ" ମାନେ ଖାଦ୍ୟ ଖାଏବାର । ହେଥିର ଲାଗି ଇତାର୍ ମାନେ ହେଉଛେ ଋଷୀମାନେ ଯେନ୍ ନୂଆଁକରି ଶସ୍ୟ ଅମଲ କରସନ୍ ଆଉ ସେ ଅଗ୍‌ସି ଚାଉଲ୍ କେ ନିଜର ଇଷ୍ଟ ଦେବତାରନ ଭୋଗ ଲଗାଇ କରି ପାଏସନ । ଇଟା ଗଣେଶ ଚତୁର୍ଥୀ ତିହାରର ବାସି ଦିନ ପାଲନ୍ କରାଯାଏସି । ଯାହାକେ ନୂଆ ଆଶାର କିରଣ ବଲିଁ ଧରାଯାଏସି । ଇଟା ମୁଖ୍ୟତଃ ପଶ୍ଚିମ୍ ଓଙ୍ଗିଶାନ ଆର୍ ଭାରତର୍ ଅଲଗା ଅଲଗା ଜାଗାନ ଅଲଗା ନାଁ ଆର୍ ରୂପଥି ପାଳନ୍ କରାହେସି । ଏନ୍ତାକି, ଅଲଗା ଦେଶମାନେ ଭି ଇ ନୂଆଁଖାଇ ପରବ ପାଳନ୍ କରସନ୍ । ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ଼, ବରଗଡ଼ର୍ ଲୋକ୍‌ମାନେ ମାଁ ସମଲେଶ୍ୱରୀକେ ପୂଜା କରୁଥିବାର ବେଲେଁ, ବଲାଙ୍ଗିର୍‌ନେ ମାଁ ପାଟନେଶ୍ୱରୀ, ସୋନପୁର୍‌ନେ ମାଁ ସୁରେଶ୍ୱରୀ ଆର୍ ଅଲଗା ଜାଗାମାନକେ ସେ ଜାଗାର ଇଷ୍ଟଦେବୀମାନଙ୍କୁ ପୂଜା କରସନ୍ । ସମ୍ବଲପୁର୍ ଅଞ୍ଚଲର ରାଏଜ ଗଠନ୍ ସମିୟା ଥି ନୂଆଖାଇ କେ ଗୁଟେ ରୀତିନୀତିପର୍ବ ଭାବେଁ ଆଉ କୃଷିକେ ଜୀବନର୍ ଗୁଟେ ପନ୍ଥା ଭାବେଁ ଗ୍ରହଣ କରା ହେଇଥିଲା । ଆର୍ ରାଜା ରାମାଇ ଦେବ ନୂଆଁଖାଇକେ ସମ୍ବଲପୁରୀ ସଂସ୍କୃତି ଆର୍ ପରମ୍ପରାର ପ୍ରତୀକ କରବାର ଲାଗି ବହୁତ୍ ଚେଷ୍ଟା କରି କରି ନାଁ କରିଛନ୍ ।

ଆମର୍ ପୁର୍‌ଖାମାନେ ଆର୍ ମାଏନତାଗୁନତା ଲୋକମାନଙ୍କର୍ ଉପଦେଶ ଆର୍ ଆମର୍ ସିଆନସୁଜନମାନଙ୍କର୍ କେଥନିକେତେ ଖଟନିର ଲାଗି ଆମର୍ ପରିଷଦ୍ ରାଉରକେଲାନ ଗୁଟେ ଅଲଗା ପରିଚୟ ପାଇଛେ । ଆମର୍ ଭାଷା, କଲା ଆର୍ ସଂସ୍କୃତିକେ ଆହୁରି ଆଗକେ ବଢ଼େଇ ନେବାରଲାଗି, ଆମକୁ ଆମର ସେକ୍ଟର-୮ ନେ ଥିବାର ଆମର ସାଂସ୍କୃତିକ କେନ୍ଦ୍ରର ନିର୍ମାଣ କାମ୍‌କେ ଶେଷ୍ କରିବାକେ ପଡ଼ବା । ଆର୍ ସାଂସ୍କୃତିକ୍ କେନ୍ଦ୍ରନୁ ନାଚ୍, ଗୀତ୍, ଢୋଲ ନିଶାନ୍ ତାସା ଇତ୍ୟାଦିର ତାଲିମ ଆରମ୍ଭ କରବାକେ ପଡ଼ବା । ମୁଇଁ ଆମର ପରିଷଦ ର ସବୁ କର୍ମକର୍ତ୍ତା ଆର୍ ସଭ୍ୟମାନଙ୍କୁ ସେମାନଙ୍କର ପ୍ରତିଭାର ବଢିଆଁ ଉପସ୍ଥାପନ୍ ଲାଗି ଗୁରଦୁଟେ ଅଭିନନ୍ଦନ୍ ଜନାବାର୍ ସାଙ୍ଗେ ଧନ୍ୟବାଦ ଭି ଦେଉଛେଁ । ତାଙ୍କର ଇ କାମର ଲାଗି ଆମେ ରାଉରକେଲାର୍ ପାଖେ ଅନ୍ତରେଁ ଗୁଟେ ନାଁକରା ଅନୁଷ୍ଠାନ ହେଇପାରିଛୁଁ ।

**ସବକୁ ଆଉଥିରେ ନୂଆଁଖାଇ ଜୁହାର...**

**ଧନ୍ୟବାଦ୍**



# ସାଧାରଣ ସମ୍ପାଦକଙ୍କ ବାର୍ତ୍ତା

**ପ୍ରକାଶ ଚନ୍ଦ୍ର ପାଢ଼ୀ**

**ସମକୁ ମୋର୍ ଭାବ୍ ସରସର୍ ଜୁହାର୍**

ତିହାର ଋତୁ ଆସୁନ୍ ଆସୁନ୍ ପହଁଚି ଯାଏସି ଆମର୍ ନୂଆଁଖାଇ । ଘରେଁ କୁଟୁମର ସଂଗେ ନାନାଦି ରୀତିନୀତି ସାଙ୍ଗେ ଆମେ ମନାସୁ ନୂଆଁଖାଇ । ଫେର୍ ସାନବଡ଼ ସଂଗେ ଜୁହାର୍ ଭେଟ୍ । ଶେଷେଁ ଆମର୍ ପରିଷଦର ନୂଆଁଖାଇ ଭେଟଘାଟ୍ ।

ଏନ୍ତା ଗୁଟେ ଆନନ୍ଦ୍ ଉସନାକି ଅବସରଥି ମୋର ଅନୁଭବର କଥା ଟିକେ କହୁଛେଁ । ଗଲା ଦୁଇଥର୍ ହେଲା ମତେ ପରିଷଦର ସାଧାରଣ ସମ୍ପାଦକ୍ ଦାୟିତ୍ୱ ଦିଆହେଇଛେ । ଅର୍ଥାତ୍, ଗଲା ଚାଏର୍ ବରଷ୍ ହେଲା ଇ ଦାୟିତ୍ୱ କେ ତୁଲେଇ ଆସୁଛେଁ । ପାରୁ ପର୍ଯ୍ୟନ୍ତ୍ ଠିକ୍ କରବାର୍ ଲାଗି ଚେଷ୍ଟା କରିଛେଁ । ମୁନୁଷ୍ ମାତରକେ ତ ଭୁଲ୍ ଭଟକା ରହିଛେ । ମୋର୍ ବି ଥିବା । ହେ କଥାକେ ମାଫ୍ କରବେ । ଇ ଭିତରେଁ ଚାଏର ଟା ନୂଆଁଖାଇ ସାଙ୍ଗେ ଗୁର୍ଦୁଟେ ଛୋଟ ବଡ ତିହାର ମନେଇଛୁଁ । ଆହୁରି କରିଛୁଁ ବନୀକରଣ, ମଧୁମେହ ଆର୍ କର୍କଟ ରୋଗର୍ ସଚେତନତା, ଗୃହ ସୁରକ୍ଷା କର୍ମଶାଳା ବାଗିର୍ ସାମାଜିକ କବାର୍‌ମାନେ । ଆମର ସବୁନୁ ବଡ଼ ଉପଲବ୍ଧି ହେଲା ରାଉରକେଲା ଇସ୍ପାତ କାରଖାନା ଠାନୁଁ ପରିଷଦର ଗୁଟେ ସ୍ଥାୟୀ କାର୍ଯ୍ୟାଳୟ ପାଇଛୁଁ । ଆର୍ ପାଏଲା ସାଙ୍ଗେ ସାଙ୍ଗେ ତା'ର୍ ନବୀକରଣ କାମ୍ ଆରମ୍ଭ କରିଛୁଁ, ଜେନାଟା କି ଶେଷ୍ ପାଦେଁ ପହଁଚି ପାରିଛେ । ଇ ସବୁ ଝନେ କି ଦୁଇ ଝନକର୍ କାମ୍ ନୁହେ । ଇଥିଁ ଆମର ଉପଦେଷ୍ଟା ମାନକର୍ ନୁ ଆରମ୍ଭ କରି କର୍ମକର୍ତ୍ତା ଆର ନୂଆଁ ସଦସ୍ୟ ମାନକର ଉପଦେଶ, ଆର୍ଥିକ, ମାନସିକ ଆର ଶାରୀରିକ ସହଯୋଗ ରହିଛେ । ଜେନଟା କି କହି କରିକି ଲେଖି କରି ମୂଲ୍ୟାୟନ କରି ନାଇଁ ହୁଏ । ହେଥିର୍ ଲାଗି ମୁଇଁ ମୋର୍ ହୁରୁଦକରପନୁଁ ସମକୁ ଗୁର୍ଦୁଟେ ଧନ୍ୟବାଦ୍ ଦଉଛେଁ । ପରିଷଦ୍ ଲାଗି ସବକର ଇ ରକମର ସହଯୋଗ୍ ଆଉ ଦିଲ୍‌ଖୁଲା ସାହାଯ ସବୁଦିନକେ ରହିଥାଉ ବଲି ମୁଇଁ ବିନ୍‌ତି କରୁଛେଁ ।

**ଧନ୍ୟବାଦ୍**

ସୁର୍‌ତଉଛୁଁ....



ଜନମ୍-୦୩.୧୨.୧୯୩୫ - ସରଗ୍‌ବାସ୍-୨୧.୦୯.୨୦୨୫

"ହାଏ କୁଷ୍ଟଁ ହାଏ କୁଷ୍ଟଁ ବଲି ଯାଉ ମୋର୍ ଜୀବନ ଗା
ଘନ୍ କାଲିଆ ଫୁଲ୍ ମାଲିଆ ନୀଲ ରତନ..."

- ପଦ୍ମଶ୍ରୀ ବିନୋଦ ପସାଏତ୍

## ସଂମ୍ପାଦନା ମଣ୍ଡଳୀ



ଡାକ୍ତର ସୁବୋଧ କୁମାର ମେହେର



ଡକ୍ଟର କିଶୋରୀ ଦାଶ



ଶ୍ରୀ ସୂର୍ଯ୍ୟନାରାୟଣ ପାଢୀ



ଶ୍ରୀ ପ୍ରବୀର କୁମାର ମିଶ୍ର

## ସଂମ୍ପାଦକୀୟ...

**ଜୟ ମାଁ ସମଲେଇ...**

କେତେଯେ ଯୁଗ ଆଘରୁଁ ଇ ବ୍ରହ୍ମାଣ୍ଡ ସୃଷ୍ଟି ହେଇଛେ, ଆଉ କେନ୍ତାକରି ସୃଷ୍ଟି ହେଇଛେ ସେଟା ଆମର ଜ୍ଞାନର ବାହାରେ । ଆମେ ଖାଲି ଅନ୍ଦାଜିଆ ତଥ୍ୟ କେ ଧରିବସିଛୁଁ । ଆଉ ତାର ଭିତରେ ମାନବ ସମାଜ କେନ୍ତା କରି ଧରତୀ କେ ଆସଲେ, ହେଟା ଭି ଗୁଟେ ରହସ୍ୟ ଆଏ । କୁହାଜାଏସି ଯେ ସବୁନୁ ଆଘୋ ଆଫ୍ରିକାର ଜଙ୍ଗଲ ନୁ ଆଦି ମାନବ ର ସୃଷ୍ଟି । ତାର ପଛେଁ କେତେ ଯେ ସଭ୍ୟତା ଆସି କରି ଇ ଧରତୀଥି ଲୋପ ବି ପାଇ ଯାଇଛେ ତାର ଠିକାନା ନାଇଁ । ହେଲେଁ, ସବୁ ସଭ୍ୟତା ଥି ବଞ୍ଚି ରହେବାର ଲାଗି ସବୁନୁ ମୂଲ ହେଉଛେ ଖାଦ୍ୟ । ଇ ଖାଦ୍ୟକେ ପାଏବାର ଲାଗି ସବୁ ସଭ୍ୟତାଥି କେତେ ଯେ ସଂଘର୍ଷ ହେଇଛେ ସେଟା କଳ୍ପନାର ବାହାରେ । କୁହାଯାଏସି ଯେ ଆମର ଇ ସଭ୍ୟତା ଭି ଆଦିମାନବ ରୁଁ ସୃଷ୍ଟି ଆଉ ସବୁନୁ ଉନ୍ନତ ସଭ୍ୟତାଥି ଗନତି ହେସି । ବାକି ସଭ୍ୟତା ଯେତିକି ଉନ୍ନତ ହେଲେ ଭି, ଚନ୍ଦ୍ର ନୁ ଯାଇ କରି ମଙ୍ଗଲ୍ ନୁ ପାଦଥାପଲେ ଭି ଖାଦ୍ୟଟା ଜରୁରୀ ଆଏ । ଯେନ୍‌ଟା କି ଆଦିମାନବ ଭି କରୁଥିଲା, ଆଉ ଆମେ ଭି କରୁଛୁଁ । ଯେତେବେଲେ ବରସ ଯାକର ଖାଦ୍ୟ ଶସ୍ୟ ହିସାବେ ଯେନଟା ଆମେ ପାଏସୁଁ ସେଟା କେ ଖୁସିଥି ଇ ସଂସାରର ହର୍ତ୍ତାକର୍ତ୍ତା ବିଧାତା କେ ପହେଲା ସମର୍ପି ଦେସୁଁ ଆଉ ତାଙ୍କୁ ଧନ୍ୟବାଦଭି ଦେସୁଁ । ଆର୍ ଆମେ ଆମର ସଂସାର କେ ଆଗକେ ବଢାସୁଁ । ସାରା ଭାରତବର୍ଷେଁ ଭିନ୍‌ଭିନ୍ ଇଲାକାନୁ ନିଜର ନିଜର ପହେଲା ଶସ୍ୟକେ ନେଇକରି ଇ ପରବ୍ କେ ମନାବାର ପରମ୍ପରା ଅଛେ । ଯେନ୍ତା କି ଲୋହଡି ଆଉ ବୈଶାଖୀ ପଞ୍ଜାବ ଆଉ ହରିୟାନା ନେ, ମାଘି ହିମାଚଳ ପ୍ରଦେଶ ନେ, ଓ୍ୱାଙ୍ଗଲା ଉତ୍ତର ପୂର୍ବ ନେ, ବିହୁ ଆସାମ ନେ, ପୋଙ୍ଗଲ ତାମିଲନାଡୁ ନେ, ଓନାମ୍ କେରଳ ନେ, ଗୁଡିପାଡଓ୍ୱା ମହାରାଷ୍ଟ୍ର ନେ, ପୌଷପାର୍ବୋନ୍ ପଶ୍ଚିମ ବଙ୍ଗଳା ନେ । ବାକି ରାଏଜ ମାନଙ୍କର ମକର ସଂକ୍ରାନ୍ତି ବାଗିଲ୍, ଆମର ରାଏଜେ  ଆମେ ମନାସୁଁ ନବାନ୍ନ ଉତ୍ସଣ । ହେଟା କେ ଆମେ ଆମର ପଶ୍ଚିମ ଓଡ଼ିଶାନେ ନୂଆଁଖାଇ କହେସୁଁ ।

ରାଏଜ୍ ଭିନ ଭିନ ହେଇପାରେ, ସମିଆ ଭି ଅଲଗା ହେଇପାରେ, ଶସ୍ୟଭି ଦୁସରା ଦୁସରା ହେଇପାରେ, ବାକି ପାଳନର ବିଧି ସବୁଆଡେଁ ସମାନ । ସବୁ ଜାଗାଥି ପହେଲା ସର୍ବଶକ୍ତିମାନ ମହାପୁରୁକେ ଖାଦ୍ୟଶସ୍ୟ ଅର୍ପଣ କରିସାରଲା ଉତାରୁଁ ନାଚଗୀତ ଜାକଜମକଥି ଇପରବ କେ ପାଳନ କରାଯାଏସି । ଆମେ ଭି ନୂଆଁଖାଇ ହେନ୍ତା ହିଁ ପାଳନ କରସୁଁ । ବାକି, ଆମର ଆଉ ଗୁଟେ ବିଧିନାଇ ହେଲେ ଇଟା ପୁରା ନାଇଁ ହୁଏ । ସେ ବିଧିଟା ହେଉଛେ ନୂଆଁଖାଇ ଭେଟ୍‌ଘାଟ ଆଉ ନୂଆଁଖାଇ ଜୁହାର । ଇଥିର ଉଠ୍‌ଗନେ ଆପଣମାନଙ୍କୁ ସମକୁ ମୋର "ନୂଆଁଖାଇ ଜୁହାର" । "ଯେନେ ଧାନ, ସେନେ ଧନ" । ହେଥିର ଲାଗି କହେସନ୍ "ଧନ ଲକ୍ଷ୍ମୀ" ।

ସାରା ଜୀବଜଗତର ସୃଷ୍ଟିର ମୂଲ୍ ହେଉଛେ ଅନ୍ନ । କଥାଥି ଅଛେ, ଧାନ୍ ରୁ ମାନ୍ । ତାର ମାନେ ଶସ୍ୟ ବିନା ମାନ୍ ନାଇଁ । ଧାନ୍ ବିନା ବୃତ୍ତି, ଜ୍ଞାନ, ଧ୍ୟାନ, ଶରୀର, ଜୀବନ ସବୁ ଚୁଛା ।

ଆରମ ଗର୍ବ ଆଉ ଗୌରବ କବି ଗଙ୍ଗାଧର ମେହେର କହିଛନ୍ - "ଅନ୍ନ ବିନା ଜୀବନ ନ ପାରଇ ରହି"....... । ଯେନ ଅନ୍ନ ନାଇଁନ, ସେଟା ଚୁଛା ମରୁଭୂମି ।

ଆସୁନ୍ ଆମେ ସଭେଁ ମିଶିକରି ନୂଆଁଖାଇ ଭେଟ୍‌ଘାଟ୍ ମନାମା ଅଉ ଜୁହାରଭେଟ୍ ହେମା । "ଝୁଲ୍‌କା" ର ଇ ପଞ୍ଚମ ସଂସ୍କରଣ କେ ଉନ୍ମୋଚନ ଭି କରମା....... ନାଚ୍‌ମା...., ଗାଏମା.... ଆଉ ମଉଜମଜଲିସ କରି କରି ଖୁସି ମନାମାଁ ।

**ଫେର ଥରେ ସମକୁ ନୂଆଁଖାଇ ଜୁହାର୍ ।**

- ଡାକ୍ତର ସୁବୋଧ କୁମାର ମେହେର

# ସହରିଆ ନୂଆଁଖାଇ

ମୋହିନୀ ହୋତା

କେଉଁ ଦିନେ ତୁମେ ଥିଲ
ଜୁଇ, ମଲ୍ଲୀ, କରାଟ
ଏଭେ ବଦଲି ଗଲନ ଛଇ
ରଙ୍ଗ୍ ଟହଟହ କାଗଜିଫୁଲ
ଥିପେ ଭି ବାସନା ନାଇଁ ।
ସହରିଆ ପାଏନ୍ ତୁମକୁ ଚଢିଛେ,
ନୂଆଁ ରଙ୍ଗ୍ ରୂପେ ସଜେଇ ଧଜେଇ,
ଫି ବଛର୍ ଲେଖେଁ ନୂଆଁ ହେଇ
ଫିରିଛ ଗୋ ନୂଆଁଖାଇ । ।୧ । ।

ଖାନାପିନା ସାଙ୍ଗେ ପୂଜାପାଠ୍ ସବୁ
ବଦଲି ଗଲାନ ଚଲନି,
ଲୁକ୍ ଲୁକ୍ ବଏଲେ ପିର୍‌ଡା ଉପରେ,
ପାଏନ୍ ଛେକୁଛେ ଚାଲ୍‌ନି । ।୨ । ।

ବଡା ଉବାଗର୍ ଦିଶୁଛ ତୁମେଗୋ
ହାତୀଗିଲା କୁର୍‌ଡୁ ଫଲ୍,
ଭିତରଟା ଭନ୍‌ଭନେଇ ଯାଉଛେ,
ଉପରେ ମଲ୍ ମଲ୍ । ।୩ । ।



କୁରେ, ମହୁଲ, ସରଗୀ ପତର ଦନାଥି,
ଖାଉଥିଲୁଁ ଆମେ ନୂଆଁ,
ଚାଏନା ପ୍ଲେଟ୍ ସଜେଇକରି
ଡାଏନିଙ୍ଗ ନ ହେସି ଥୁଆ । ।୪ । ।

ଜୁନ୍‌ହା ଧାନ ଖେଡ୍ ବୁତର୍‌ରେଇ ବିକୁଛନ୍
ଲୁକ୍‌କୁ ବୁଲେଇ ଭୁଆଁ,
ଶଶୁର୍ ଘରେ ଜୁଏଁ ନୂଆଁଖାଇ କୁନୁଆଁ
କାନ୍ଦୁଛନ୍ ମାଁ ବୁଆ । ।୫ । ।

ବଖରି ଯାକର୍ ମିଲିମିଶି କରି
ଖାଉଥିଲୁଁ ଗୁଟେଠାନେ,
ଅଢିଆ, ଆଟ୍‌କାର୍ ଅର୍ଥ ଖୁଜୁଛେ
ମୋର୍ ଛୁଆ ମନେ ମନେ । ।୬ । ।

ଯେନ୍ତା ବି ହେଉ ବଛର୍‌କ ଥରେ
ଚିନ୍‌ହା ପଡୁଥାଉ ତୁମର୍ ପାହାର୍,
ଭଲେ ଭଲେ ଆସୁ ତିହାର୍ ବାହାର୍
ସମକୁ ମୋର୍ ନୂଆଁଖାଇ ଜୁହାର୍ । ।୭ । ।

# ମୁଇଁ ନୂଆଁଖାଇ

ସଙ୍ଗୀତା ଦିପ
ବରଗଡ଼, ହାଟପଦା

ବାର ମାସେ ତେର ପରବ୍ ଇମାଟି
ସିଘା ମୁଇଁ ନୂଆଁଖାଇ,
ଭାବର୍ ଚାଙ୍ଗିରି ସଁସେର ଟୁପଲି
ଆନିଛେ ବୁହେନ୍ ଭାଇ । ।

ଘର ଦ୍ୱାର ସଙ୍ଗେ ହୃଦ୍ ମନ୍ ସତେ
ନୂଆଁଖାଇ ନାମେ ଧୁଇ,
ରାଗ୍ ରିସା ହିଂସା ଅହଁକାର ଯେତେ
ପ୍ରେମ୍ ଭାବେ ଜୁଡେଁ ମୁଇଁ । ।

ପୁଓ ପରଜାର୍ ଦେଖି ମୁହେଁ ହସି
ମନ୍ ଯାଏ ମୋର ରସି,
ଭଗାରିକେ ଘଲେ ଭାଇ କରି ନେଇ
ପାଏସି ବଡା ତ ଖୁସି । ।

ନୂଆଁ ଧାନକେ ନୂଆ ଚୁରା ସାଙ୍ଗେ
ନୂଆଁ ଜେ ପିନ୍ଧନ୍ ପଟା,
ସର୍ଗି କୁରେ ଭେଲୁଆଁ ପତରେ
ମହକେ ତ ଖିରି ପିଠା । ।

ନୁକୋ ପାକୋ ହେଇ ବଛର୍ କଟିଛେ
ମାଁ ସମଲେଇର ବଲେ,
ବଡ ବଡଖାକୁ ନୂଆଁଖାଇ ଜୁହାର
ସଭେ ଥାଉନ୍ ଭଲେ ଭଲେ । ।



# ଆଗର୍ ନୂଆଁଖାଇ

ଅନନ୍ୟା ବେହେରା
ବଡବଜାର୍, ସମ୍ବଲପୁର

କାହିଁ ଗଲା ସେ ଗାଁ ଖୁଲିର୍ ନୂଆଁଖାଇ ଉଷନାକି
ସୋର୍ ପଡ଼ଲେ ଆଏଜ୍ ଭି ଭିଜିଯାଏସି ମୋର୍ ଆଁଖି ।
ନୂଆଁଖାଇ ଆଏଲେ କାଏଁସ ଫୁଲ୍ ଫୁଟିଯାଏସି
ଚାକରିଆ ଲୋକ୍ ଆଘୋନୁ ଗାଁ କେ ପୁହୁଁଚି ଆଏସି ।
ନୂଆଁଖାଇ ଆଏଲେ ଗାଁ ହାଟର୍ ଭିଡ୍ ଦେଖେ କିଏ ?
କିଏ ଘିନୁଛେ ହାଡ଼ିଁ-ପାତଲି ତ ଭୁଗା-କୁଲା କିଏ ।
ଲିପା ପୁଛା କରି ଘର୍ କେ ଆମର୍ ରଖମା ସଫାସୁତର୍
ଘରର୍ ଢେଁକି ଥି ଚାଉଲ୍ କୁଟି ଚୁନା କରମା ବତର୍ ।

ସୁନାନାକି ହଲଦି ମାଖି ଦେଖବ କେତେ ସଉକି,
ନୂଆ କପଟା ଗହନା ପିନ୍ଧି ମନ ଯାଏସି ବହକି ।
ନୂଆଁ ଚାଉଲ ଥି ଘି, ଗୁରସ୍, ଗୁଡ, ମହୁ, ଦହି ମିଶାମା
ଉଷତ୍ ମନେ ମିଲିମିଶି ଆମେ ସଭେ ନୂଆଁ ଖାଏମା ।
ବଡ ମାନଙ୍କର୍ ପାଦ୍ ଧରି କରି ଆମେ ମୁଡିଆଁ ମାରମା
ଛୁଆ ମାନକୁ ମନ୍ ଖୁଲି କରି ଆଶୀର୍ବାଦଦେମା ।
ଭାତ, ଦାଏଲ୍, ଆମିଲ, ସାରୁଶାଗ୍, ତରକାରୀ,
ସାଙ୍ଗେ ଖାଏମା ମଁଡା ପିଠା, ଖିରି ମନଭରି ।

ବେଲ୍ ବୁଡଲେ ଭେଟଘାଟ୍ ଲାଗି ମନ ହେସି ଛନ୍ ଛନ୍,
ଯେତେ ଦେଖଲେ ଭି ନାଚଗାନା ଆମର୍ ନାଁଇ ଭରେ ମନ୍ ।
ଟାଉ୍, ବାହାସୂତା, କତରିଆ, ବନ୍ଦରିଆ ପିନ୍ଧି କରି
ଖୁଏଲ୍ ଯାଏସି ମହକି ନାଚି ଦେଲେ ଗାଁର୍ ଧାଙ୍ଗରି ।
ଫି ବଛର ଆମେ ମାନମା ନୂଆଁଖାଇ ମିଲିମିଶି କରି
ଆମର୍ ପୁରଖା ପରବ୍ କେ ନାଇଁ ପାରୁଁ ସତେ ପାଶରି ।

ସୋର୍ ପଡୁଛେ ମୋର୍ ନୂଆଁଖାଇ, ମୋର୍ ଗାଁର୍ ଖୁଏଲ୍
ରସରକେଲି, ଡାଲିଖାଇ ନାଚ ଥି ଉଡୁଥିଲା ଧୁଏଲ୍ ।
ନୂଆଁଖାଇ ଆଏ ମାଁ ମାଏଟ୍, ମାଁ ସମଲେଇ ର ପରବ୍
ଇଟା ଆଏ ପରେ ଆମର୍ ପଛିମ୍ ଉଡ଼ିଶାର୍ ଗରବ୍ ।

# ତୁମର୍ ଆମର୍ ନୂଆଁଖାଇ

ଡ. ସୁଧାଂଶୁ ଭୂଷଣ ଷଣ୍ଢ
ଗୁଞ୍ଝାମାଲ, ସମ୍ବଲପୁର

ପତ୍ରେଁ ଖାଏଲେ ଆମେ, ତୁମେ ଖାଉଛ ଚାଇନା ଥାଲି
କଞ୍ଚାପତ୍ରେ ଆମର ଦେବତା ଖାଏସନ, ତୁମେ ଦେସ କାଗଜର ଖଲି ।
ଆମେ କୁଲଜି ଖାଇଲେ ନୁଆଁ, ତୁମେ ଖାଉଛ ଘିନି,
ଆମେ ହୂମୋ ଗାଏଲେ, ତୁମେ ଗାଉଛ ଡୁଏଟ, ପପ ଡିସକୋ ବାଲି
ଆମେ ଜିଉଁଥିଲୁ ସମିୟା କେ, ତୁମକୁ ଲାଗୁଛେ ପୁରନା ଚାଲି ।

ସୂତି ଶାଢ଼ୀ ତୁମର୍ ମହତ୍ ବଢ଼ାସି, ଆମର୍ ଲାଗି ହେସି ଅଙ୍ଗଛି ।
ଆମେ ଖେଲୁଥିଲୁଁ ଗୁଡୁବାଟି ଖେଲ୍, ତୁମର୍ ମନ୍ କ୍ରିକେଟ ଖେଲ୍‌କେ ।
ଆମେ ବସୁଥିଲୁଁ ଗାଁର ପିଢ଼ା ଥି, ତୁମେ ଯାଏସ ସିନେମା ହଲକେ ।
ଆମର ଭେଟଘାଟ୍ ଲାଗି ଗାଁ ଖୁଏଲ୍ ଥିଲା, ତୁମେ ଦେଲ ମଚାନ୍ ଗାଡି ।
ଆମର୍ ନାଚ ଥିଲା ଡାଲିଖାଇ, ରସରକେଲି
ତୁମର୍ ରେକର୍ଡ ଡାନ୍ସ ଥି ସଂସ୍କୃତି ଉଖଲା ଖାଲି ।



ନୂଆଁଖାଇ ତୁମର୍ ଲାଗି ନାଚ୍‌ଗାନା,
ହେଲେ ଆମର୍ ଲାଗି ଅସ୍ମିତା,
କଲା-ସଂସ୍କୃତି ଧରୋହର୍ ଆମର୍,
ତୁମର ଲାଗି ହେସି ଜୀବନ ଜୀବିକା
ଥରେ ପଲାଲେ ଆଉ ନାଇଁ ମିଲେ,
ଯେତେ କରଲେ ଭି ସୁରତା ।

ଖାଲି ସମ୍ବଲପୁରୀ ପିନ୍ଧିଲେ ନାଇଁ ହୁଏ,
ସମ୍ବଲପୁରୀ ଲାଗି କବାର୍ ଜରୁରୀ ।
ନାଚ୍-ଗାନା, ପିନ୍ଧନ୍-ପଟା, ସାହିତ୍ୟ-ସଂସ୍କୃତି
ଆଗକେ ନେବାର ଲାଗି, କରମା କବାର ଆସ ତୁରତି ।
ମିଶି ଖାଉଥିଲୁ ଆମେ ନୂଆଁ, ତୁମେ ଖାଉଛ ଆଏଜ ଏକାଲା
ବିଦେଶୀ ସଂସ୍କୃତି ପାଲେ ପଡିକରି, ନାଇଁ ହ ଆଉ ଭେକଲା
ଆମର୍ ସିଘା ତିହାର ପରେ ନୂଆଁଖାଇ,
ତା'ର ଯଶ ବଢ଼ମା, ଆସ ସଭେ ମିଶି ଭାଇ ।

ନୂଆଁଖାଇ ଟାକେ ଜୁହାର ତାର ଶିରି
ସମକୁ ରଖସି ଆବରି,
ହାପି ନୂଆଁଖାଇ ଫୁନେ କହି ଦେଇ
ଆମେ ଜୁହାର କେ ନାଇଁ ଯାଉଁ ପାସରି ।
ଅଭାବିର ଘରେ ବି ନୂଆଁ ଚରା ଲାଗୁ
ଜୟ ମା ସମଲେଇଶରୀ
ଜୟ ମା ସମଲେଇଶରୀ... ଜୁହାର

# ଏଭର୍ ନୂଆଁଖାଇ

**ପ୍ରବୀର୍ କୁମାର୍ ମିଶ୍ର**
ଛେଣ୍ଡ, ରାଉରକେଲା

ଚାର୍‌ହି ଆଡ଼ର୍ ଗଛ୍ ପତ୍‌ରେଁ
ନୂଆଁ ଆର୍ ଜୁନ୍‌ହାଁ ପତର୍
ଯେନ୍ତା କେ ସେନ୍ତା
ଶୁଖା ଗଛ୍‌କେ ଭୁଖା ମୁନୁଷ୍
ଯେନ୍ତା କେ ସେନ୍ତା
ଆର୍ ଇ ଜୁନ୍‌ହାଁ ର ଉନ୍‌ହା ତଲୁ
ନୂଆଁଖାଇ ପଚ୍‌ରାଉଛେ
ବାବୁ କେନ୍ତା କେନ୍ତା ?



ଶୁନିକରି ନୂଆଁଖାଇ ନୂଆ ଲେଖା କଥାନି
ମାଥବର ନୁ କୁଲି ରେଜା ତକ୍
ସମ୍‌କର୍ ହେଲାନ ଭାଲ୍‌ନି
ନୂଆଁଖାଇର ଖଞ୍ଜା ରଞ୍ଜା
ମିତା ମଏତର୍ ଲେତା ଗୁତା
ଶିକାର୍ ତୁନ୍ ଆର୍ ପିଠାପନାଥି
ଦୁହୁଲି ଗଲାନି ଅଣ୍ଟି
ପାଏନ୍ ଅଟକି ଗଲାନି ଟଁଣ୍ଟି....

ଯାହିଁ ଦେଖ୍‌ବ ଘର୍ ଆର୍ ଘର୍
ଖେତ୍ ଖଲା କାହୁଁ ପାଏମା
ପେଣ୍ଟ୍ ପିନ୍ଧା ବାବୁକେ ନଙ୍ଗଲ୍ ଅଡୁଆ
ତ ଚାଷୀ କାହୁଁ ପାଏମା
ଝାର୍ ଜଙ୍ଗଲ୍ ତ ଚିକନ୍ ହେଲା
ବର୍‌ଷା କାହୁଁ ପାଏମା
ଆର୍ ଅଷାଢ୍ ମାସେ ଝାଉ ମାଏଲେ
କାହାକେ ଯାଇ କହେମା ?

ତ ଏନ୍ତାଥି...
ପୁର୍‌ନା ଚାଉଲର୍ ଖିରୀ ହାପ୍‌ରି ହାପ୍‌ରି
ନୂଆଁ ଖାଏଲୁଁ ବଲି - କେନ୍ତେଇ କରି କହେମା ?
ଫିର୍ ଭି - ତିହାର ଟେ ଆଏ ଯେତେବେଲେ
ମାନ୍‌ବାର କେ ତ ପଡ୍‌ବା
ସୁଖ୍ ଦୁଖ୍ କେ ସଂଭ୍‌ଲେଇ କରି ନୂଆଁତ ଖାଏବାର କେ ପଡ଼୍‌ବା

# ମୁର୍ହି ବରା

**ଡକ୍ଟର୍ କିଶୋରୀ ଦାଶ**
ବାସନ୍ତୀ ନଗର, ରାଉରକେଲା

ମୁର୍ହି ବରାର ନାଁ ସୁନିକରି ଟିକେ ଅଡୁଆ ଲାଗୁଥିବା । ଚାଉଲ ବରା, ମୁଗ ବରା, ବିରହି ବରା, ଗୁର୍ ବରା ବାଗିଲ ଇଟାଭି ଗୁଟେ ସୁଆଦିଆ ବରା । ବନେଇ ଜାନଲେ ବଡା ସହଜିଆ ଆଉ ମୁହଁକେ ରୁଚଲା ବାଗିଲ ଜିନିଷଟେ ଆଏ । ଘରେ ଯେନ ଜିନିଷ ମାନେ ଥିସି ହେଥି ହେଇ ଜାଏସି । ମୁଇଁ ମନ କଲେ ବନାସି ।

**ଦରକାରୀ ଜିନିଷ** ୧. ଦୁଇ ଗିନା / ଅଧା କଂସା ବାଗିଲ ମୁରହି, ୨. ଗିନେ ବାଗିଲ ବାଟଲା ପିଠଉ (ବିରହି, ଚାଉଲ୍ ଆଉ ଚନା ଦାଏଲ୍ ମିଶାଲାଟା ନାଇଁ ହେଲେ ବଟା ମୁସରୀ, ଦାଲି ଥି ବେସନ୍ ମିଶାଲେଭି ଚଲବା), ୩. ଗିନେ ଛୋଟ ଛୋଟ କାଟଲା ଉଇଲ୍ (କମ ବେଶୀ ହେଲେ ଭି ହେବା), ୪. ଦୁଇ ତିନ ଚାମଚ ଦର୍ ରଗଡ଼ିଆ ଅଦା, ଜିରା, ଲେସୁନ୍, କଞ୍ଚା ମିରଚା ବଟା, ୫. ଭଲ କରି ଟିକେ ସୁରୁ ସୁରୁ କାଟଲା ଧନିଆଁ ପତର, ଆର୍ ଟିକେ ମେଡ଼ସିଙ୍ଗା ପତର ଆଉ ଟିକେ ଠେଁସଲା କଞ୍ଚା ମିରଚା, ଚିମଟେ ମିତାଲ ହଲଦୀ ଆଉ ଟିକେ ଯୁଆନି ।

ପହେଲା ମୁରହିକେ ଭଲ କରି ଧୁଇକରି ଖଡ଼ଖଡ଼ା କରି ଜାଗା ଟାକେ ରଖି ଦେବ । ତେହେଁରୁ ବାଟଲା ପିଠଉ ଗିନାକ (ବଟା ବିରହି / ଚନା ଯେନଟା ଭି ବଟା ହେଇଥିବା) ତାକେ ଭଲ କରି ଟିକେ ବଡ଼ ଜାଗା ଟାକେ ଏକତରଫିଆ ଫେଟି କରି ସେଥିଁ କାଟଲା ଉବଲ୍, ଧନିଆଁ ଆଉ ମେଡିସିଙ୍ଗା ପତର, ଦରରଗଡ଼ା ଅଦା, ଲେସୁନ୍, ଜିରା ବଟା, ଠେଁସା କଞ୍ଚା ମିରଚା ଆଉ ଯୁଆନି କେ ମିଶାଇ ଦେଇକରି ଗୁଲାଲା ଉତ୍ତାରୁଁ ଯଦି ମନ ହେବା ଟିକେ ହଲଦୀ ଦେବ । ତେହେଁରୁ ଶୁଖା ଚିପା ଧୁଆ ମୁରହି କେ ସେଥି ଦେଇକରି ଆଉ ଥରେ ଭଲ କରି ଗୁଲାବ ଆଉ ସୁଆଦ ଅନୁସାରେ ନୁନ୍ ଦେବ । ମୁରହି ଥି ନୁନ୍ ଲାଗି ଥିସି । ହେତିର ଲାଗି ଟିକେ ଦେଖି କରି ନୁନ୍ ଲଗାବ । ନାଇହେଲେ ନୁନିଆଁ ଲାଗବା । ଆଉ ଗୁଟେ କଥା । ମୁଇଁ କେଭେ କେଭେ ଯୁଆନି ପତର ଆଉ ବିଟ ନୁନ୍ ଭି ବେଭାର କରଷିଁ । ହେଟା ନିଜର ରୁଚି ଅନୁସାରେ କରବ । ବାକି ମୁରହିର ମାତ୍ରାଟା ପିଠଉ ନୁଁ (ବାଟନ) କମ ନାଇଁ ହେବାର କଥା । କର୍‌ହେଇଥି ରିଫାଇନ ତେଲ ହେଉ କି ମୁଗ୍‌ଫଲୀ ତେଲ ହେଉ (ଯେନଟା ତୁମେ ପସନ୍ଦ କର୍ସ) ବସାଇ କରି ଭଲକରି ଗରମ ହେଲା ଉତ୍ତାରୁଁ ସଜ୍‌ଡ଼ିଆ ଚେପଟା ଚେପଟା କରି (ବେଶୀ ବଡ଼ ନାଇଁ କି ବେଶୀ ସାନ ନାଇଁ) କରି ଛାନ୍‌ବ । ତେଲ ପହେଲା ଟିକେ ବେଶୀ ଗରମ ହେଲା ଉତ୍ତାରୁଁ ବରାକେ ତେଲେଁ ଛାଡ଼ବ, ଆଉ ଟିକେ ଗଲେ ଆଞ୍ଚ୍‌କେ ଟିକେ କମ କର୍‌ଦେବ ଯେ ବରାଟା କୁରୁମ କୁରୁମ ଲାଗବା । ଆଞ୍ଚ୍‌କେ ବେଶୀ ବଢ଼େଇ ଦେଲେ ଉପର କଲା ହେଇଜିବା ଆଉ ଭିତର କଞ୍ଚା ରହିଯିବା । ଇ ମୁରହି ବରା ଖାଲି ଟୁଁଡେ ଖାଏବାର ଲାଗି ଯେତିକି ସୁଆଦ ଲାଗସୀ, କଞ୍ଚାପାତଲଘଣ୍ଟା, ଧନିଆଁ ପତର, କଞ୍ଚା ମିରଚା, ଅଦା ଲେସୁନ୍ ଥି ଟିକେ ଲେମ୍ବଉ ରସ ମିଶା ଟିକେଟିକେ ପାନିଆ ଚଟନୀଥି ଆହୁରି ଜମ୍‌କିସୀ ।



**ବିଶେଷ କଥା-** ଯେନ ମାନଙ୍କର ଘରେ ମୁରହି ଲେସକେଇ ଯାଉଛେ ସେମାନେ ବେସନଥି ଟିକେ ବିରହି ବଟା ନାଇଁ ହେଲେ ସିଝା ସାରୁ ହେଉ କି ଆଲୁ ହେଉ ଟିଟ୍‌କି ଦେଇକରି ଇ ପ୍ରନାଲି ଥି ବରା ବନେଇ କରି ଲେସ୍କା ମୁରହି କେ ଓଜ କରି ପାରବେ ।

# ଉପର୍ ଡାଲର୍ ଫୁଲ୍

ରଞ୍ଜିତା ହୋତା
ସମ୍ବଲପୁର

ପ୍ରତିଭା ରାୟଙ୍କର୍ "ଯାଜ୍ଞସେନୀ" ବହିଟା ତାକର୍ ହାତେ ଦେଖିକରି ମୋର୍ ସାଙ୍ଗଟାକେ ତାକର୍ ବାବ୍‌ଦେପଚରାଲିଁ । ସୀମା କହେଲା, ସେ ହେଉଛନ୍ ଲୀନା ନାନୀ, ପୁରା ନାଁ ଶ୍ୱେତାଲୀନା ପ୍ରିୟଦର୍ଶିନୀ । ଆମର୍ ହଷ୍ଟେଲ୍‌ର ତେତିଶ୍ ନମ୍ବର ରୁମ୍‌ଥି ରହେସନ୍ । ସୀମା ତିରିଶ୍ ନମ୍ବର ରୁମ୍‌ଥି ରହୁଥିଲା । ମତେ କହେଲା, ନାନୀକେ ପଚ୍‌ରେଇକରି ତୋର୍ ପଢ଼୍‌ବାର୍ ଲାଗି ସେ ବହି ଘାଏ ଆନିଦେମି ।

ବହି ପଢ଼୍‌ବାର୍‌ଟା ମୋର୍ ଗୁଟେ ନିଶା ଆଏ । କଲେଜ୍ କେ ପଢ଼ି ଆଏବାର୍ ଲାଗି ମତେ ଯେନ୍ ରେକ୍‌ସା ଭଡ଼ା ଘରୁ ଦେଉଥିଲେ, ମୁଇଁ ସେ ପଏସାଥି ବହି ଘିନି ପକଉଥିଲିଁ ଆରୁ ଚାଲିଚାଲି କଲେଜ୍ କେ ଯାଉଥିଲିଁ । ଫେର୍ ଭି ସବୁ ବହି ତ ଘିନି ନାଇଁ ହୁଏ କେଭେ । କାହାର୍ ହାତେ ନୂଆଁ ବହିଟେ ଦେଖିଲେ ନାଇଁ ପଢ଼୍‌ବାର୍‌ତକ୍ ଠହରି ନାଇଁ ପାରେଁ ।

ମୋର୍ ବହିଦୁରାକ ମୁଇଁ ଖୋବ୍ ଯତ୍‌ନେ ରଖୁଥିଲିଁ । ମତେ ବହି ମାନେ କେଭେ ନିର୍‌ଜୀବ୍ ବାଗିର୍ ନାଇଁ ଲାଗୁଥାଇଁ । ଶୀତ୍‌ଦିନେ ଜରି ଭିତ୍‌ରେ ଭରିକରି ବାକ୍‌ସେ ରଖୁଥିଲିଁ ଆରୁ ଖରାଦିନେ ସେ ସବୁ ବହରେଇ କରି ମୋର୍ ବହିଥାକେ ରଖୁଥିଲିଁ ।

ଦିନେ ମୋର୍ ବହେନ୍ ପଚ୍‌ରାଲା, ଇଟା କାଣା କରୁଛୁ ? ମୁଇଁ କହୁନ୍‌କହୁନ୍ କହିଦେଲିଁ ଯେ ଶୀତ୍‌ଦିନେ ମୋର୍ ବହିମାନ୍‌କୁ ଶୀତ୍ କରୁଥିବା ତ, ହେଥିର୍ ଲାଗି ଜରିଥି ରଖିସିଁ ।



ସେଦିନ ରାତି ଖାଇବସ୍‌ଲାବେଳେ ମୋର୍ ବହେନ୍ ସେକଥାଟା ଢିଲିଦେଲା ସମ୍‌କରର୍ ଆଗେ । ସଭେ ହଁସିହଁସି କାଠ୍‌କାଠ୍ ହେଇଗଲେ । ଇତାର୍ ବହିମାନ୍‌କୁ ଶୀତ୍ କରସି, ଗରମ୍ ଲାଗ୍‌ସି ବଲିକରି ମତେ ସଭେ ବିର୍‌ଝାଲେ । ମୁଇଁ ଖାଇ ନାଇଁ ପାର୍‌ଲିଁ ।

ସେ ଯାହାହେଉ, ଲୀନା ନାନୀର୍‌ନୁ ବହିଟା ଯେନ୍ତେଇ ହଉ ଆନିକରି ପଢ଼ମି ବଲି ମୁଇଁ ଭାବୁଥାଏଁ । ତାକର୍ କ୍ଲାସ୍ ବାରବଜେ ମୂଲ୍ ହେସି । ମୁଇଁ ସେଦିନ ନଅବଜେନିକେ ହଷ୍ଟେଲ୍‌ନ ପୁହୁଁଚିଗଲିଁ । ନାନୀ ସଂସ୍କୃତଥି ପିଜି ପହେଲା ବଛର୍ ଆରୁ ମୁଇଁ ପ୍ଲସ୍‌ଟୁଥି ପହେଲା ବଛର୍ । ମତେ ଟିକେ ଡର୍ ଲାଗୁଥାଏ । ସୀମା ବୋଧହୁଏ ଆଗରୁ ନାନୀ କେ କହିଦେଇଥାଏ । ମତେ ଦେଖିନ୍ ସାଏର୍ ଲୀନା ନାନୀ ହଁସିଦେଲେ ଆର୍ ବହିଟା ଭି ଦେଲେ । ବହି ଦିଆନିଆନୁ ଏନ୍ତେଇ ତାକର୍ ସଙ୍ଗେ ମୋର୍ ସଂପର୍କ ବଢ଼୍‌ବାର୍ କେ ଲାଗଲା ।

ମୋର୍ ଭି ପ୍ଲସ୍‌ଟୁ ଥି ସଂସ୍କୃତ ଅପସନାଲ୍ ଥିଲା । ନାନୀ ବହି ପଢ଼୍‌ବାର୍‌କେ ଭଲ୍ ପାଉଥିଲେ । ବି.ଏ.ଥି ସେ ବେଷ୍ଟ ଗ୍ରାଜୁଏଟ୍ ପୁରସ୍କାର୍ ପାଇଥିଲେ । ସଂସ୍କୃତଥି ଅନର୍ଗଲ୍ କହିପାରୁଥିଲେ । ଓଡିଆ ଭାଷା ସାହିତ୍ୟଥି ତାକର୍ ଖୋବ୍ ଗ୍ୟାନ୍ ଥିଲା । ତାକର୍ ଭାଷଣ୍ ମତେ କବିତାଟେ ଶୁନ୍‌ଲାମେତାର୍ ଲାଗୁଥିଲା ।

ଭଗବାନ୍ ଭି ତାହାକୁ ଖୋବ୍ ଦୟା କରିଥିଲେ । ତାକର୍ ବାପା ହାଇସ୍କୁଲ ହେଡମାଷ୍ଟର୍ ଥିଲେ । ନାନୀ ଏଖେଇ ଗୁଟେ ଛୁଆ ତାକର୍ । ହଁ, ଟିକେ ସାବ୍‌ନା ରଙ୍ଗର୍ ହେଲେ ଭି ପାତଲ୍ ଲହମେତାର୍ ଦେହେଟେ ଥିଲା । ଛାଟ୍ ବାଲର୍ ଲମ୍ବା ବେନିଟେ, ଧାର୍ ନାକ, ଦୁହି ଆଏଁଖି ଖୋବ୍ ସୁନ୍ଦର, କପାଲେ ସୁରୁଟେ କଜଲ୍ ଟୀକା । ଧୋବ୍ ଫର୍‌ଫର୍ ସାଲୁଆର୍ ନାହେଲେ ସୂତା ଶାଢ଼ୀ ପିନ୍ଧି କରି ସେ କଲେଜ କେ ଆସୁଥିଲେ । ମୁଇଁ ତାହାକୁ ଖୋବ୍ ପସନ୍ଦ୍ କରୁଥିଲିଁ । ସାଏଖାତ୍ ସରସ୍ୱତୀ ମେତାର୍ ଦିଶୁଥିଲେ ସେ ।

ସେ ବଛର୍ ଆମର୍ କଲେଜ୍‌ର ସଂସ୍କୃତ ବିଭାଗ୍‌କେ ନୂଆଁ ଆଧାପକ ଝନେ ଆସିଥାନ୍ । ଶୁଭ୍ରକାନ୍ତ ସାର୍, ନାଁ ଯେନ୍ତା, ଚେହେରା ଭି ସେନ୍ତା । ଡେଙ୍ଗା, ଗୁରା, ସୁନ୍ଦର ବେଭାର୍ । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟନୁ ପଢ଼ି କରି ଆସିଥାନ୍ । ଲେଡିସ୍ ହଷ୍ଟେଲ୍‌ନ ତାକର୍ ଖୋବ୍ ଚର୍ଚ୍ଚା ହେଉଥାଏ । ସାର୍‌ଙ୍କର୍ ପଢାବାର୍ ଷ୍ଟାଇଲ, ସ୍ମାର୍ଟନେସ୍, ସବୁନୁ ତାକର୍ ସୁନ୍ଦର ଚେହେରାର୍ ଚର୍ଚ୍ଚା । ମୁଇଁ ଦିନେ ନାନୀର୍ ରୁମ୍ କେ ଯାଇଥାଏଁ । ନାନୀ ପଚ୍‌ରାଲେ, ଲିପି, ଶୁଭ୍ରକାନ୍ତ ସାର୍ ତମକେ କାଣା ପଢାସନ୍ ? ମୁଇଁ କହେଲିଁ- "କୁମାର ସମ୍ଭବମ୍" ନାନୀ । ଆର ବଛର୍ ତ ତମର୍ ପିଜି ସରିଯିବା, କାଣା କରବ ନାନୀ ? ତମେ ଭି ଅଧ୍ୟାପିକା ଟେ ହୁଅନ, ଆମକେ ପଢାବ ।

ନାନୀ କହେଲେ, ହେମି ନିଷ୍ଠେ, ସ୍ୱୟଂ ଅଧ୍ୟାପିକା ନାଇଁ ହେଲେଭି ଅଧ୍ୟାପକସ୍ୟ ପତ୍ନୀ ହେଲେ କାଣା ନାଇଁ ଚଲେ ? ସେ ହଁସଲେ, ମୁଇଁ କିଛି ନାଇଁ କହେଲିଁ । ଧୀରେଧୀରେ ତାକର୍ କଥାର୍ ମରମ୍ ମୁଇଁ ବୁଝ୍‌ଲିଁ । ଶୁଭ୍ରାକାନ୍ତ ସାର୍ ଆଉ ଲୀନା ନାନୀ କେ ନେଇକରି ସଂସ୍କୃତ ବିଭାଗ ଉଠ୍‌ପଡ୍ ହଉଥାଏ । ନାନୀ ବିଦ୍ୟାବତୀ ଥିଲେ, ସୁନ୍ଦର ଭାଷଣ ଦେଇ ପାରୁଥିଲେ, ସ୍ନେହୀ ଥିଲେ । ଏନ୍ତା କେହି ସଂସ୍କୃତ ବିଭାଗଥି ନାଇଁ ଥାଇଁ ଯେ ନାନୀକେ ଭଲ୍ ନାଇଁ ପାଉଥାଇଁ । ଫାଷ୍ଟ ଇଅର୍ ପିଲାକର୍‌ନୁ ଅଧ୍ୟାପକ ମହଲ୍ ଯାଏକ୍ ସଭେ ତାଙ୍କୁ ଶରଧା କରୁଥିଲେ ।

ଦିନେ ହଷ୍ଟେଲ ବାଲ୍‌କୋନିନ ବସିକରି ମୁଇଁ ସୀମା କେ ଟାକିଥାଏଁ । ମୁଁଡର୍ ଉଦା ବାଲ୍‌କେ ତଉଲିଆଟାକେ ପୁଛିପୁଛି ନାନୀ ଆଏଲେ । ସେଆଡ଼େ ଏତେ ମନ୍‌ତନ୍ ଦେଇକରି କାଣା ଦେଖୁଛୁ ଲିପି ? ନାନୀ ପଚ୍‌ରାଲେ । ମୁଇଁ ହଷ୍ଟେଲ ପାଖର୍ ମନ୍ଦାର୍ ଗଛ୍‌କେ ଦେଖେଇ କରି କହେଲିଁ, ଗଛର୍ ତଲ୍ ଡାଲ୍‌ମାନ୍‌କେ ତ ଗୁଟେ ଭି ଫୁଲ୍ ନାଇଁ ନ ନାନୀ । କିଏ କିଏ ତୁଲିକରି ନେଇଯାଉଥିବେ । ଦେଖତ ହେ ଉପର୍ ଡାଲ୍‌ମାନକେ, କେନ୍ତା ତୋବାତୋବ୍ ଫୁଲ୍ ଫୁଟିକରି ହଁସୁଛନ୍ ଯେ । ମୁଇଁ ହଷ୍ଟେଲ କେ ଆଏଲେ ସବୁଦିନେ ଇ ଗଛ୍‌କେ ଘାଏ ଦେଖେସିଁ । ଉପର୍ ଡାଲର୍ ଫୁଲ୍‌ମାନେ କେତେ ଭାଗ୍ୟ କରିଛନ୍ । କେହି ତୁଲି ନାଇଁ ପାର୍‌ବାର୍ ସେମାନ୍‌କେ । ଓହୋ, ଇ ଫୁଲ୍‌ମାନକର ଟିକେ ଭି ଦୁଖି ନାଇଁ ନ, ନାଇଁ ଲିପି ? ମୁଇଁ ମୁଣ୍ଡ୍ ହଲେଇ କରି କହେଲିଁ, ତମେ ଭି ଇ ଉପର୍ ଡାଲର୍ ଫୁଲ୍ ମେତାର୍ ନାନୀ । ଈଶ୍ୱର ତମ୍‌କେ ସବୁ ଦେଇଛନ୍ । ତମେ ନିଜର୍ ପ୍ରତିଭା କେ ଫୁଟେଇ କରି ସବୁଦିନେ ଏନ୍ତା ହଁସୁଥିବ । ନାନୀ ମୁଲ୍‌କରି ହଁସିଦେଲେ ଟିକେ ।

ଆମେ ଯେତେବେଳେ ଭି ସମିଆ ପାଉଥିଲୁଁ ଲୀନା ନାନୀ ଆଉ ସାର୍‌ଙ୍କର୍ ବିଷୟ ଥି କଥା ହେଉଥିଲୁଁ । ସଂସ୍କୃତ ବିଭାଗର୍ ଫଙ୍କସନ୍, ସେମିନାର୍ କ୍ଲାସ୍‌ଥି ସାର୍ ନାନୀକେ କେନ୍ତେଇ ଦେଖୁଥିଲେ, ନାନୀ ସଙ୍ଗେ କଥା ଲାଗ୍‌ଲାବେଳେ ତାକର୍ ମୁହୁଁ କେନ୍ତା ଦିଶୁଥିଲା, ସୁରୁ ସୁରୁ ସଂସ୍କୃତ ନାଟକଥି ନାନୀ ପାଟ୍ କଲାବେଳେ ସାର୍ ତାଙ୍କୁ କେତେ ଖୁସ୍ ନଜର୍‌ରେ ଦେଖୁଥିଲେ ସେ ସବୁ ଆମର୍ କଥାବାର୍ତ୍ତାର ବିଷୟବସ୍ତୁ ଥିଲା । ମୁଇଁ ଭି ମନେମନେ ଭାବୁଥିଲିଁ, ତାକର୍ ଯୁଡିଟା ବନେ ହେତା ବଲି ।

ଏମ୍ ଏ ଫାଇନାଲ୍ ଇଅର୍ ପରୀକ୍ଷାର୍ ଆଗରୁ ନାନୀ ଖୋବ୍ ଡିଷ୍ଟର୍ବ ରହେଲେ । କାଁ କରି ଯେ କେଜାନେ । ହଷ୍ଟେଲ ଛାଡ଼ିକରି ଘରକେ ପଲାଲେ । ଫେର୍ ତାକର୍ ଦେହେ ଖରାପ୍ ଅଛେ ବଲି ଆମେ ଶୁନ୍‌ଲୁ । ନାନୀ ଆରୁ ନାଇଁ ଆସ୍‌ଲେ । ଖାଲି ପରୀକ୍ଷା ଦିନ୍ ମାନକେ ଘରୁ ଆସିକରି ପରୀକ୍ଷା ଦେଉଥିଲେ । ତାର୍‌ପରେ ନାନୀର୍ ଆଉ ଖୋଜ୍ ଖବର୍ ନାଇଁ ମିଲ୍‌ଲା ।

ଇଆଡ଼େ ଶୁଭ୍ରାକାନ୍ତ ସାର୍ ଭି ଖୋବ୍ ଦିନ୍ ଛୁଟିରେ ରହେଲେ । ନାନୀର୍ ସଙ୍ଗେ ତାକର୍ ବ୍ରେକ୍ ଅପ୍ ହେଇଯାଇଛେ ବଲି ଶୁନ୍‌ଲୁ । ସାର୍ ଯେଭେ କଲେଜ୍ କେ ଆଏଲେ ତାକର୍ ବିହାଘର୍ ସରିଯାଇଥିଲା । ଆମକୁ ଗୁର୍ଦୁଟେ ଦୁଃଖ ଲାଗ୍‌ଲା । ଫେର୍ ଭାବ୍‌ଲୁଁ, ଯାହା ହେବାର୍‌ଥିଲା ହେଲା । ହୁଏତ ଭଗବାନଙ୍କର୍ ଇଚ୍ଛା ଅଲଗ୍ ଥିଲା । ଗୁରୁ ଶିଷ୍ୟାଙ୍କର୍ ସଂପର୍କ ମଏଲା ନାଇଁ ହେଲା ।

ମୁଇଁ ପ୍ଲସ୍‌ଥ୍ରୀ ପଢ୍‌ଲିଁ ସଂସ୍କୃତ ଅନର୍ସ ନେଇକରି । ନାନୀ ସେ ବର୍ଷ ପିଜି ଟପ୍ପର ହେଲେ । ଭାବୁଥିଲିଁ, ରେଜଲ୍ଟ ତ ନେଇ ଆସ୍‌ବେ, ନିଶ୍ଚେ ଦେଖାହେବା, ହେଲେ ଆଉ ନାନୀର ଦେଖା ନାଇଁ ମିଲ୍‌ଲା । ଧୀରେଧୀରେ ସବୁକଥା ଜୁହ୍ନା ହେଇଗଲା । ବଛର୍ ଆଏଲା ଆରୁ ଗଲା । ଆମର୍ ପଢ଼ା ଭି ସରିଗଲା ଆରୁ ଜୀବନର୍ ମୋଡ୍ ଭି ବଦଲି ଗଲା ।

ଦଶରା ମାସ୍, ଭାଏ ଜୁଁତିଆର୍ ଶାଢ଼ୀ ଘିନି ଯାଇଥାଏଁ । ଲେଉଟି ଗଲାବେଲ୍‌କେ ଯାହାକେ ଦେଖ୍‌ଲିଁ ଆକାଭୋତ୍ ହେଇଗଲିଁ ।

ସେ ଟିଖେ ଭି ନାଇଁ ବଦଲିଥାଇଁ । ରିମ୍‌ଲେସ୍ ଚଷମାଟେ ଖାଲି ପିନ୍ଧିଥିଲେ ଯାହା । ସେହ ହଁସି, ସରସ୍ୱତୀଙ୍କର୍ ମେତାର୍ ନିଲିଆ ଫୁଲ୍ ଫୁଟା ଧୋବ୍ ଶାଢ଼ୀ ଟେ ପିନ୍ଧିଥିଲେ । ମତେ କେତେ ଖୁସି ଲାଗଲା, କହି ନାଇଁ ପାରେଁ । କେଭୁକେଭୁ ମୋର୍ ମନ୍‌ଭିତରେ କେତେ କଥା ତାଙ୍କୁ ପଚ୍‌ରାବାର୍ ଥିଲା । ତାହାଙ୍କୁ ଦେଖୁନ୍‌ସାଏର୍ ନାଗ୍‌ସାଁପର୍ ଫେନ୍ ବାଗିର୍ ମୁଡ୍ ଟେଁକଲା । ସେ ମୋର୍ ମନର୍ କଥା ଜାନି ପାର୍‌ଲେ କାଏଁସେ । ମୁଇଁ ଆମର୍‌ଘର୍‌କେ ଯାଉଁ ବଲି କହେଲିଁ । ସେ ନାଇଁ ବଏଲେ । ଶାଢ଼ୀ ଖଣ୍ଡେ ଘିନିକରି କହେଲେ, ଚାଲ୍, ଦୁହେ ରେକ୍‌ସାଥି ଯିମା ।

ତୁଇ ତୁମର୍ କଲୋନି ବାଟେ ଉତରି ଯିବୁ, ମୁଇଁ ଟେସନ୍‌କେ ଯିମି । ହଁ କହେଲିଁ । ରେକ୍‌ସା ଚାଲ୍‌ଲା । ନାନୀ କହେଲେ, ତୁଇ ଯାହା ପଚ୍‌ରାବୁ, ମୁଇଁ ଜାନିଛେଁ । ଅବେଶ୍ କହେମି ତତେ । ଜୀବନର୍ ଗୁଡିବର୍ଗା ସମିଆଥି ଆରୁ ସେ କଥାର ଗୁରୁତ୍ୱ କିଛି ନାଇଁ ନ ।



ମୁଇଁ କହେଲିଁ- ସାର୍ ମନାକଲେ କାଏଁ ନାନୀ ?

ସେ କହେଲେ- ନାଇଁ, ମୁଇଁ ତାହାକୁ ମନା କଲିଁ । ହଁ, ଇଟା ସତ୍ ଆଏଯେ ଦୁହେ ଦୁହିକୁ ପସନ୍ଦ କରୁଥିଲୁଁ । ମୁଇଁ ତାକର୍ ବିଷୟଥି ଧୀରେ ଧୀରେ ଖୋବ କଥା ଜାନ୍‌ଲିଁ । ବନାରସ୍‌ନ ପଢୁଥିଲାବେଲେ ସେ ଅନୁରାଧାକେ ପସନ୍ଦ୍ କରୁଥିଲେ । ଗ୍ରାଜୁଏସନ୍ କଲା ବେଲେ ଅନୁରାଧାର ମାଁ, ବାପା ଦୁହେ ଏକ୍ସିଡେଣ୍ଟରେ ମରିଗଲେ । ଅନୁରାଧା ଡିପ୍ରେସନ୍‌ରେ ରହେଲା । ଏମ୍ ଏ ପଢ୍‌ଲା ବେଲେ ସାର୍ ଅନୁରାଧା ଡିପ୍ରେସନ୍‌ର ମେଡ଼ିସିନ୍ ଖାଉଛେ ବଲି ଜାନ୍‌ଲେ । ସେନୁ ସାର୍ ତାର୍‌ନୁ ଧୁରେ ରହି ବସଲେ । ଇଆଡ଼େ ସିଲେକ୍ସନ ହେଇଗଲା ଆରୁ ଆମର୍ କଲେଜ କେ ଜଏନ୍ କର୍‌ବାର୍ କାଜେଁ ଆଏଲେ । ଅନୁରାଧା ତାକର୍‌ଲାଗି ଇତିହାସ୍ ହେଇଗଲା । ତାର୍ ଉତ୍‌ରୁ କାଣା ହେଲା ଯେ ତ ଦୁଇ ଜାନିଛୁ ।

କିନ୍ତୁ ନାନୀ, ସେ ତ ଅନୁରାଧା କେ ଛାଡ଼ି ସାରିଥିଲେ ନ । ତମର୍ ବାଟ୍ ତ ସଫା ଥିଲା । ତୁମେ କାଁଜେ ମନାକଲ ? ନାନୀ ଟିକେ ଅଟକି ଗଲେ, ଥୁକ୍ ଗିଲିକରି କହେଲେ-ଭଲ୍ ପାଏବାର୍ ଧାରାଟା ଖୋବ୍ କାଏଡ୍ ଆଏ ଲିପି, ଯେ ଯାହା କେ ଭଲ ପାଏସି, ସେ ତାର୍ ଗୁନ୍, ଅବଗୁନ୍, ଅସୁବିଧା ସବୁ କେ ସିଉକାର୍ କଲେ ଯାଇ । ଅନୁ ଡିପ୍ରେସନ୍‌ଥି ଅଛେ ବଲି ଜାନ୍‌ଲାପରେ ତାର୍ ପାଖୁ ଭାଗ୍‌ବାର୍‌ଟା ସ୍ୱାର୍ଥପର କାମ୍ ନୁହେ କାଏଁ ? ମୁଇଁ ଇ କଥା ଜାନ୍‌ଲା ଉତରୁ ତାକର୍‌ନୁ ଦୂରେଇଗଲିଁ ।

ଓହୋ ନାନୀ, ତମେ ଭି ତ ତାକର୍ ଅବଗୁନ୍ କେ କ୍ଷମା ନାଇଁ କରିପାର୍‌ଲ ।

ନାନୀ ଘାଏ କିଛି କହି ନାଇଁ ପାର୍‌ଲେ । ଆଏଁଖ୍ ଢଲ୍‌ଢଲେଇ ଗଲା । କାଁ ନିଜ୍‌କେ ଥେବ୍ କରି ସେ କହେଲେ-ନାଇଁ ଲିପି, ବହି ଦିଆନିଆନୁ ତୋର୍ ସଙ୍ଗେ ମୋର୍ ଗୁଟେ ଅଲ୍‌ଗା ସଂପର୍କ ତିଆର୍ ହେଇ ଯାଇଥିଲା । ମୁଇଁ ଖରାପ୍ ନାଇଁ ଭାବ୍‌ବାର୍ । ହଁ, ତୋର୍ ସୋର୍ ଅଛେ ଭାଏଲ୍ ସେ କଥାଟା ?

କେନ୍ କଥା ନାନୀ ?

ତୁଇ ମତେ ଥରେ କହିଥିଲୁ ନା, ନାନୀ ତମେ ଉପର୍ ଡାଲର୍ ଫୁଲ୍ ବଲି, ସୋର୍ କରୁଛୁ ?

ହଁ, ହଁ, ମୁଡ୍ ହଲେଇ କରି ମୁଇଁ କହେଲିଁ ।

ଈଶ୍ୱର ସବୁଆଡୁ କାହାକେ ଟିପ୍‌ଟପ୍ ନାଇଁ କରିଥାନ୍ ଲିପି, କେନ୍‌ସି ନାଇଁ କେନ୍‌ସି ଅଭାବ୍ ଟେ ରଖିଥିସନ୍ । ମୁଇଁ ଅନୁରାଧାର୍ ଉଠଗନେ ସିନେ ତାହାଙ୍କୁ ମନା କରିଥିଲିଁ, ମୋର୍ ହୁରୁଦ୍ ଭିତରେ ଆଏଜ୍ ଭି ସେ ଅଛନ୍ ସାମଖୋଲ ଭିତରେ ମୁକ୍ତା ବାଗିର୍ ।

କାଏଁ ଉଠଗନ୍ ନାନୀ ? ସେତ ଅନୁରାଧା କେ ଛାଡ଼ି ସାରିଥିଲେ ନ ।

ହଁ, ଗୁଟେ କାରନ୍ ଥିଲା । ସେଟା ମୁଇଁ ସାର୍‌ଙ୍କୁ ଭି ନାଇଁ କହିଥାଇଁ । କହିଥିତିଁ ନିଶ୍ଚେ କିନ୍ତୁ କହେବାର୍ କେ ଉଚିତ୍ ବଲି ନାଇଁ ଭାବଲିଁ । କାହାକେ ନାଇଁ କହିଁ ଭି ।

ମତେ ଭି ନାଇଁ କହ ? ଗାଢା ନିଶାସ୍‌ଟେ ପକେଇ କରି ନାନୀ କହେଲେ-କାହାକେ ଭଲ୍ ପାଏବାର୍‌ଟା ନିଜର ଆଏତେ ନାଇଁ ଥାଏ ଲିପି । ମୁଇଁ ଭି ହେନ୍ତା ସାର୍‌ଙ୍କୁ ପସନ୍ଦ କରିପକାଲି, ମୋରନ୍ ଯେନ୍ ଦାଗ୍‌ଟେ ଅଛେ ସେଟାକେ ନାଇଁ ଭାବିକରି । ଅନୁରାଧାର୍ କଥା ଜାନ୍‌ଲା ପରେ ମୋର୍ ଚେତା ପଶ୍ଲା । ରୋଗୀ, ବିକଲାଙ୍ଗମାନେ କେତେ ନିଆଶ୍ରି ସଥେଁ । କାହା କେ ଭଲ୍ ପାଇପାର୍‌ସନ୍ ହେଲେ ଭଗ୍ୟ ସାଥ୍ ନାଇଁ ଦିଏ । ଭଲ ମୁନୁଷ୍ ଟାକେ ଭଲ୍ ପାଏବାର୍ ଅଧିକାର୍, ସପନ୍ ନାଇଁ ଦେଖିପାରନ୍ ।

ତୁମେ ଅନୁରାଧାର୍ କଥାକେ ନେଇ ଏତେ ଇମୋଶନାଲ୍ କାଁକରି ନାନୀ ?

ମୁଇଁ ସିକ୍‌ଲିନ୍ ପେସେଣ୍ଟ ଲିପି ।

ମୁଇଁ ସିକ୍‌ଲିନ୍ ପେସେଣ୍ଟ ଲିପି, ନାନୀ ଖୋବ୍ ଧୀରେ ଧୀରେ କହେଲେ । ମୋର୍ ମୁଡ୍ ଉପ୍‌ରେ ଆକଶ୍‌ଟା ଜୁଗ୍‌ରେଇ ହେଇଗଲା ବାଗିର୍ ଲାଗ୍‌ଲା । ଉକ୍‌ବୁକିଥି ମୋର୍ ଟଁଟି ଚିଏଇଗଲା । ଥୁକ୍ ଗିଲିକରି କହେଲିଁ-ସିକ୍‌ଲିନ୍ ପେସେଣ୍ଟ ମାନେ ଭି ତ ମେରେଜ୍ କରି ପାରୁଛନ୍ ନାନୀ ।

ସେ କହେଲେ, ଡିପ୍ରେସନ୍‌ର ଉଷୋ ଖାଉଥିଲା ବଲି ଜାନଲା ଉତରୁ ଯେନ୍ ଅନୁକେ ସାର୍ ଛାଡ଼ି ସାରିଥିଲେ, ସିକ୍‌ଲିନ୍ ପେସେଣ୍ଟ ବଲି ଜାନ୍‌ଲାପରେ ସେ ଲୀନାକେ କାଣା ଗ୍ରହଣ କରି ପାରିଥିତେ ଲିପି ?

ମୁଇଁ କିଛି ନାଇଁ କହି ପାର୍‌ଲି । ଆଉ କିଛି ପଚ୍‌ରାବାର୍ ଭି ଇଚ୍ଛା ନାଇଁ ଥାଇଁ । ଆମର୍ କଲୋନିର୍ ଛକ୍ ଆସି ସାରି ଥିଲା ନ । ନାନୀର୍ ଫୋନ୍ ନମ୍ବର୍ ମାଗି କରି ମୁଇଁ ରେକ୍‌ସାନୁ ଉତ୍‌ରିଲି ।

ଛକ୍ ନୁ ଚାଲିଚାଲି ଆସଲା ବେଲେ ମୁଇଁ ଭାବୁଥିଲି, ତଲେଁ ଥିବା ଦରଫୁଟା କଢ଼ମାନ୍‌କର୍ ଭାଗ୍ୟ ଭଲ୍, ହରେକ୍ କାମ୍‌ଥି ଲାଗି ତ ପାର୍‌ସନ୍ । ଉପର୍ ଡାଲର ଫୁଲ୍ ମାନକର୍ ଦରଦ୍ କିଏ ଜାନ୍‌ସି ? ଅପୁହୁଁଚ୍ ଜାଗାନ ଫୁଟିକରି ଅପନେ ଆପ୍ ମଉଲି ଯିବାର୍ ଦୁଖ୍ ତାର୍‌ନୁ ଅଏତ୍‌କା କିଏ ଜାନ୍‌ସି ଭାଏଲ୍ ? ଶରତ୍ ଋତୁ । ଦୁର୍ଗା ପୂଜା ପାସ୍‌କେ ଆଏଲାନ । ଫିର୍‌ଲାବେଲେ ଆମର୍ କଲୋନିକେ ଟିକେ ଟିକେ ଶୀତ୍ ଉତରି ଆସିଥିଲାନ । ଗୁଟେ ଉଦାସ୍‌ପନର୍ କୁହୁଡିଥିଁ ମୁଇଁ ଗୁଟାମୁଟା ବୁଡିସାରିଥିଲିନ ସେତକିବେଲକେ ।

# ନୂଆଁଖାଇ

**ଶିବାନି ପାଢି**
ବାଲିକୁଲୁଣ୍ଡା, ବରଗଡ଼

ଗାଆଁ ମୁଡ୍‌ସା, ସାଫ୍ ସୁତ୍‌ରା
ଚତ୍‌ରା ହେବା ଧରସା ତରା,
ଘର୍ ଲିପାପୁଛା ହେଇ ପରଛା,
କଁଥାପଁର୍‌ନା, ହେବା ତ କଟା
ଝାଁକର୍ ଆଏବା ପରା କେ ପରା,
ଗାଁ ମୁହାଁ ହେବା ସହରୀ ଟୁରା, ଆଇଛେ ନୂଆଁଖାଇ,
ଭାଇ ଭାବ୍ ଚାରା ଅତୁଟ୍ ବନ୍ଧ୍‌ନେ,
ବର୍‌କସ୍ ବାନ୍ଧି ନେଇ ।।

ତୁଲି ପଲ୍‌ସା, କୁରେ ଚକ୍‌ନି,
ନୁଆଁ ଧାନ୍ କେରା ତୁଲି ନୁ ଆନି
ବରା, ଅଏରସା, ମଁଡା ସୁଆଁଲି ଘରେ ଘରେ ଗଢା, ମହକେ ଖୁଲି
ପିନ୍ଧନ୍ ଉଢନ୍, ଅବ୍‌ଗା ନୁଆଁ, ଗହ ଗହ ଆଏଜ୍ ଲାଗ୍‌ସି ଗାଆଁ
ଆଇଛେ ନୁଆଁଖାଇ,
ଗର୍‌ଜି ଘୁମ୍‌ରି ବାଜୁଛେ ଖୁଲି, ରଙ୍ଗବତୀ, ଡାଲ୍‌ଖାଇ ।।

ପରବ୍ ଆମର୍, ଗରବ୍ ଆମର୍,
ଆଦର୍ ସୁଆଁଟେ ପୁରଥି ଜାକର୍,
ଭାଇଦାଇ କେ କର୍‌ସି ଗୁଟେ,
ଭାଇଚାରାର୍ ଭାବ୍ ବାଆଁଟେ,
ଆମର୍ ସିଘା ତିହାର୍
ବଡ୍ ବଡ୍‌ଖା ସିଆନ୍ ସୁଜନ୍,
ସମ୍‌କୁ ନୂଆଁଖାଇ ଜୁହାର୍ ।।



# SKIN CARE IN RAINY SEASON

**Dr Debjit Kar**
MD Consultant Dermatologist
360 by Debjit Derma &
Debjit DermaKare Rourkela

Rains are a welcome sign after months of sweltering heat, but change in season , sometimes makes us prone to certain skin diseases, we must be vigilant to prevent it and seek help from a Dermatologist as and when required without delay.

Increased humidity may result in prickly heat (Ghimiri) or Tinea infections ( Jadu).

Change in season, reactivates certain viruses in the environment and in our body, resulting in viral infections like chickenpox( hadputi) , herpes zoster hand foot mouth disease etc.

Specially, children, elderly, people on immunosuppressant drugs are more prone to develop these .

Staying in time, environment, and in close contact with poor sanitation may increase your chances of aquifer diseases with spread by contact like scabies ( Kachhu )

Prevention:

Maintain personal hygiene.

Keep skin dry.

Avoid sharing towels, razors, lip balms , especially if someone in family or close contact is already infected.

Disinfect commonly touched surfaces which can be done simply with soap and water .

If there is a known viral infection in someone in family or close contacts, they should be encouraged to wear masks ., and wash or sanitize their hands , as and when required to avoid others from getting infected.


Strengthen your immune system through proper nutrition and hydration.



# Annual General Body Meeting- 2025 at POSP Office














# Home Safety Awareness Workshop









# Republic Day Celebration at POSP Office Sector- 8







# Malyarpana At Gangadhar Meher Statue, Sector- 14







# Gangadhar Meher Jayanti Celebration at Municipal College












# Road Show For Sambalpuri Din












# Sambalpuri Din Celebration at Civic Centre














# Santhakabi Bhim Bhoi Jayanti at POSP Office





# Vanmahotsav






## List of Donors for Construction of POSP Office

Sri Ajit Mohan Pujari
Sri Swaroop Kumar Panigrahi
Sri Chhaganlal Jain
Dr Kishori Dash
Sri Alok Nayak
Dr Subodh Kumar Meher
Sri Bhagaban Pati
Sri Krishna Chandra Tripathy
Dr Bhagirathi Joshi
Dr Santosh Patel
Sri Bimal Kumar Bisi
Sri Prakash Chandra Padhi
Dr Bijoy Kumar Sahu
Sri Shantanu Kumar Parichha
Sri Subhranshu Shekhar Barpanda
Dr Chandrakanti Naik
Sri Ashok Bhaisa
Sri Dilip Kumar Behera
Sri Gouri Shankar Pradhan
Sri Prafulla Suniani
Sri Sudhir Mishra
Dr Siddharth Mishra
Sri Narendra Tripathy
Sri Padmalochan Bag
Sri Ram Narayan Nayak
Sri Surya Narayan Padhi
Sri Thabir Charan Mishra
Sri Prabir Mishra
Sri Kunja Bihari Sahu

POSP EC member team had a courtesy meeting with the new Director Incharge of Rourkela Steel Plant on 14th February, 2025. The



ongoing project of VSS statue & garden in the steel township and other various developmental activities connected with art & culture of western Odisha was discussed. The discussion was very fruitful & encouraging w.r.t. the future activities of POSP.

# Achievements

- MPLAD Fund grant of Rupees Five Lakhs alloted by Sri Juel Oram, MP, Sundargarh & Minister of Tribal affairs for the 2nd phase of office building renovation.
- MLALAD Fund grant of Rupees Nine Lakhs alloted by Sri Durga Charan Tanti, MLA, Rourkela for office building renovation.

# Activites

| | |
|---|---|
| 12.05.2025 - | Santhkabi Bhima Bhoi Jayanti was celebrated at POSP Office, Sector- 8 |
| 07.06.2025 - | Home Safety Awareness Programme was conducted at Deepika English Medium School, Sector- 5 |
| 21.07.2025 - | Vanamahostav was observed in the ground infront of POSP Office |
| 27.07.2025 - | POSP Rourkela has organised a Road Show from Civic Centre to Bhanja Bhawan and back to Civic Centre for Public Awareness for celebration upcoming Sambalpuri Din |
| 01.08.2025 - | Sambalpuri Din was celebrated at Civic Centre |
| 09.08.2025 - | Malyarpana was done at Gangadhar Meher Statue, Sector- 14 |
| 10.08.2025 - | Gangadhar Meher Jayanti Celebration at Municipal College |
| 15.08.2025 - | Independence Day was celebrated at POSP Office, Sector- 8 |

# Upcoming Parba Parbani

| | | |
|---|---|---|
| Pua Jiuntia | (ପୁଓ ଜିଉଁତିଆ) | 14.09.2025 |
| Bhai Jiuntia | (ଭାଏ ଜିଉଁତିଆ) | 29.09.2025 |
| Dasahara | (ଦଶ'ରା) | 02.10.2025 |
| Sudasa Brata | (ସୁଦଶା ବ୍ରତ) | 02.10.2025 |
| Diwali, Kali Puja | (ଦୀପାବଳୀ, କାଳୀପୂଜା) | 20.10.2025 |
| Kartik Amabasaya | (କାର୍ତ୍ତିକ ଉଆଁସ) | 21.10.2025 |
| Anela Nabami | (ଅଏଁଲା ନବମୀ) | 31.10.2025 |
| Kartik Puni | (କାର୍ତ୍ତିକ ପୁନି) | 10.11.2025 |
| Pushpuni | (ପୁସ୍‌ପୁନି) | 04.01.2026 |

# Upcoming Event

| | | |
|---|---|---|
| Pushpuni Vetghat | (ପୁସ୍‌ପୁନି ଭେଟ୍‌ଘାଟ୍) | 11.01.2026 |

# PRESS & MEDIA COVERAGE

## ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ରାଉରକେଲା ଦ୍ୱାରା ଗୃହ ସୁରକ୍ଷା ସଚେତନତା କର୍ମଶାଳା

## ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦର ଭୀମଭୋଇ ଜୟନ୍ତୀ

SAMAJA

## पश्चिम ओडिशा सांस्कृतिक परिषद राउरकेला द्वारा गृह सुर[क्षा] जागरूकता कार्यशाला आयोजन

राउरकेला:पश्चिम ओडिशा सांस्कृतिक परिषद राउरकेला एवं दीपिका इंग्लिश मीडियम स्कूल के सहयोग से दीपिका इंग्लिश मीडियम स्कूल के पुस्तकालय कक्ष में पश्चिम ओडिशा सांस्कृतिक परिषद की गृहणियों एवं स्कूली शिक्षिकाओं के लिए गृह सुरक्षा जागरूकता कार्यशाला का आयोजन किया गया, इस जागरूकता कार्यशाला में रसोई गैस सिलेंडर का उपयोग कैसे करें, खुद को एवं अपने घर को कैसे सुरक्षित रखें, घरेलू बिजली के उपकरणों का उपयोग कैसे करें, बिजली गिरने पर क्या कदम उठाएं, घर में आग लगने पर खुद को कैसे सुरक्षित रखें, घर में आग पर कैसे काबू पाएं तथा स्वास्थ्य समस्याओं एवं आपात स्थितियों से खुद को कैसे सुरक्षित रखें एवं कैसे निपटें, इन सब पर विस्तार से चर्चा एवं प्रशिक्षण दिया गया,और अंत में रसोई गैस सिलेंडर में आग लगने, घर में बिजली के तार में आग लगने पर आग को कैसे बुझाएं उक्त जागरूकता कार्यशाला में परिषद के अध्यक्ष के रूप में कुमार पाणिग्रही ने अतिथियों का परिचय कराया तथा भाग लेने वाली सभी गृहणियों का स्वागत किया, इस कार्यशाला के मुख्य अतिथि सेवानिवृत्त कार्यकारी निदेशक श्री भरत भूषण मोहंती ने कार्यक्रम का उद्घाटन किया तथा अपने भाषण में उन्होंने कहा कि इस तरह की कार्यशालाएं वास्तविक कामकाजी जीवन में गृहणियों के लिए बहुत उपयोगी हो सकती हैं तथा इस तरह की जागरूकता कार्यशालाओं के आयोजन के लिए परिषद की सराहना की, एक अन्य सम्मानित अतिथि दीपिका इंग्लिश मीडियम स्कूल के प्रिंसिपल श्री प्रवीण शर्मा ने इस बात पर प्रसन्नता व्यक्त की कि उनके स्कूल में इस तरह का कार्यक्रम आयोजित किया जा रहा है तथा सुझाव दिया कि स्कूल के विद्यार्थियों के लिए भी इसी तरह के कार्यक्रम आयोजित किए जाएं,इस जागरूकता कार्यशाला का संचालन नागरिक सुरक्षा बल के मास्टर ट्रेनर शुभेंदु पंडा ने व्यापक रूप से किया, जिन्होंने सभी गृहणियों से विस्तार से चर्चा की तथा उन्हें प्रशिक्षित किया तथा इसका सुचारू रूप से संचालन भी किया,और सुरक्षा बल के स्वयंसेवक सुदाम चंद्र स्वाई, मंटू भोई, अजीत प्रसाद तथा सत्यजीत साहू ने भी सहयोग किया, उक्त जागरूकता कार्यशाला को सफल बनाने में परिषद की गृहणियों डॉ किशोरी दास, डॉ सौभाग्य मंजरी दास, संतोषिनी भईसा, रीना जाल, संयुक्ता पलेई, अलका मिश्रा, सुश्रिता महापात्रा, बंदिता नाथ एवं अन्य गृहणियों का विशेष सहयोग रहा,और अंत में परिषद के जनकल्याण संपादक डॉ सुबोध मेहर ने इस कार्यशाला में सैकड़ों गृहणियों की उपस्थिति, विद्यालय के चेयरमैन एवं उनके समस्त स्टाफ तथा परिषद के सदस्यों के सहयोग की सराहना की,

## ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ରାଉରକେଲା ଦ୍ୱାରା ଗୃହ ସୁରକ୍ଷା ସଚେତନତା କର୍ମଶାଳା

सकाळ THE SAKALA
Rourkela - 11 Jun 2025 - Page 4

## ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ପକ୍ଷରୁ ସ...

## ...ाजिक व साहित्यक विमर्श पर ...

### पश्चिमी ओडिशा के संत-कवि भीमभोई की जयंती पर स्मृति सभा

### पश्चिमी ओडिशा सांस्कृतिक परिषद की मेजबानी में मनी जयंती

नवभारत ब्यूरो । राउरकेला।

पश्चिमी ओडिशा सांस्कृतिक परिषद की ओर से यहां प्रख्यात संत कवि, दार्शनिक और समाज सुधारक भीमभोई की जयंती श्रद्धा और गरिमा के साथ मनाई गई। कार्यक्रम की ... भीमभोई को दृष्टिहीन कवि कहना हमारी वैचारिक दृष्टिहीनता को दर्शाता है। प्रोफेसर शंकर प्रसाद त्रिपाठी ने भीमभोई की जीवनी और उनके विचारों की ऐतिहासिक प्रमाणिकता पर प्रकाश डालते हुए ... कार्य कि... नायक, ... टिकेश्वर ... माध्यम से भीमभोई के आलिखित भजनों की प्रस्तुति दी, जो श्रोताओं को आत्मिक अनुभव ...

## ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦର ସମ୍ବଲପୁରୀ ଦିନ

## 'ସମ୍ବଲପୁରୀ କଳା ଓ ସଂସ୍କୃତି ସ୍ୱତନ୍ତ୍ର ଓ ଅନନ୍ୟ'

ପ୍ରମେୟ

ROURKELA 02 Aug, 2025

## ସମ୍ବଲପୁରୀ କଳା ଓ ସଂସ୍କୃତିରେ ମଧୁରତା ରହିଛି

## ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦର ସମ୍ବଲପୁରୀ ଦିନ ପାଳ...

## ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦର ଶୋଭାଯାତ୍ରା